ପାଠ ୧୨

# ଜୀବନ ଓ ରକ୍ତ ପ୍ରତି ସମ୍ମାନ ଦେଖାଇବା

*ଜୀବନ (୧) ଗର୍ଭପାତ (୧) ବିଷୟରେ ଆମର ଦୃଷ୍ଟିକୋଣ କିପରି ହେବା ଉଚିତ?*

*ଖ୍ରୀଷ୍ଟିୟାନମାନେ କିପରି ଦେଖାନ୍ତି ଯେ ସେମାନେ ସୁରକ୍ଷା ସଚେତନ ଅଛନ୍ତି? (୨)*

*ପଶୁ ହତ୍ୟା କରିବା କ'ଣ ଭୁଲ ଅଟେ? (୩)*

*କେଉଁ ଅଭ୍ୟାସଗୁଡ଼ିକ ଜୀବନ ପ୍ରତି ଆଦର ଦେଖାଏ ନାହିଁ? (୪)*

*ରକ୍ତ ବିଷୟରେ ପରମେଶ୍ୱରଙ୍କ ନିୟମ କ'ଣ? (୪)*

*କ'ଣ ଏଥିରେ ରକ୍ତ ପରିବର୍ତ୍ତନ ସାମିଲ ଅଛି? (୬)*

୧· ଯିହୋବା ହେଉଛନ୍ତି ଜୀବନର ଉତ୍ସ। ସମସ୍ତ ଜୀବଜଗତ ନିଜ ଜୀବନ ପାଇଁ ପରମେଶ୍ୱରଙ୍କ ପାଖରେ ଋଣୀ। (ଗୀତସଂହିତା ୩୬:୯) ପରମେଶ୍ୱରଙ୍କ ପାଇଁ ଜୀବନ ପବିତ୍ର ଅଟେ। ଏମିତିକି ମାତୃଗର୍ଭରେ ଜନ୍ମପୂର୍ବ ଶିଶୁର ଜୀବନ ପରମେଶ୍ୱରଙ୍କ ପାଇଁ ମୂଲ୍ୟବାନ ଅଟେ। ଏଭଳି ବୃଦ୍ଧି ପାଉଥିବା ଶିଶୁକୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରିବା ପରମେଶ୍ୱରଙ୍କ ଦୃଷ୍ଟିରେ ଭୁଲ।—ଯାତ୍ରା ପୁସ୍ତକ ୨୧:୨୨, ୨୩; ଗୀତସଂହିତା ୧୨୭:୩·

୨· ପ୍ରକୃତ ଖ୍ରୀଷ୍ଟିୟାନମାନେ ସୁରକ୍ଷା ସଚେତନ ହୁଅନ୍ତି। ନିଜ ଘର ଓ ଗାଡ଼ିସବୁ ସୁରକ୍ଷିତ ରହୁ, ଏଥିରେ ସେମାନେ ନିଶ୍ଚିତ ହୁଅନ୍ତି। (ଦ୍ୱିତୀୟ ବିବରଣ ୨୨:୮) ପରମେଶ୍ୱରଙ୍କ ସେବକମାନେ ସୁଖ କିମ୍ବା ଚିତ୍ତବିନୋଦନ କରିବାରେ ନିଜ ଜୀବନ ଉପରକୁ ଅନାବଶ୍ୟକ ଦାୟିତ୍ୱ ନିଅନ୍ତି ନାହିଁ। ତେଣୁ ଜାଣିଶୁଣି ସେମାନେ ଅନ୍ୟକୁ ଆଘାତ କରୁଥିବା ବିପଦଜନକ ଖେଳରେ ଭାଗ ନିଅନ୍ତି ନାହିଁ। ସେମାନେ ଉଗ୍ରତା ଆଡ଼କୁ ଉତ୍ସାହିତ କରୁଥିବା ମନୋରଞ୍ଜନଠାରୁ ଦୂରରେ ରହନ୍ତି। —ଗୀତସଂହିତା ୧୧:୫; ଯୋହନ ୧୩:୩୫·

୩· ପଶୁମାନଙ୍କ ଜୀବନ ମଧ୍ୟ ସୃଷ୍ଟିକର୍ତ୍ତାଙ୍କ ପାଇଁପବିତ୍ର ଅଟେ। ଜଣେ ଖ୍ରୀଷ୍ଟିୟାନ ଖାଦ୍ୟ ଓ ବସ୍ତ୍ର ପାଇବା ପାଇଁ କିମ୍ବା ନିଜକୁ ରୋଗ ଓ ବିପଦରୁ ରକ୍ଷା କରିବା ପାଇଁ ପଶୁ ହତ୍ୟା କରି ପାରେ। (ଆଦି ପୁସ୍ତକ ୩:୨୧; ୯:୩; ଯାତ୍ରା ପୁସ୍ତକ ୨୧:୨୮) କିନ୍ତୁ ମଜାରେ କିମ୍ବା ଖେଳିବା ପାଇଁ ପଶୁମାନଙ୍କ ଉପରେ ଅତ୍ୟାଚାର କିମ୍ବା ସେମାନଙ୍କୁ ହତ୍ୟା କରିବା ଭୁଲ। —ହିତୋପଦେଶ ୧୨:୧୦·

୪· ଧୂମପାନ, ଗୁଆ ଚୋବାଇବା ଓ ଖୁସୀ ପାଇଁ ନିଶାଦ୍ରବ୍ୟ ସେବନ ଏସବୁ ଖ୍ରୀଷ୍ଟିୟାନମାନଙ୍କ ପାଇଁ ନୁହେଁ। ଏସବୁ ମନ୍ଦାଭ୍ୟାସ କାରଣ (୧) ସେସବୁ ଆମକୁ ନିଜର ଦାସ କରିନିଏ (୨) ଆମ ଶରୀରର କ୍ଷତି କରେ ଓ (୩) ସେଗୁଡିକ ଅପରିଷ୍କାର। (ରୋମୀୟ ୬:୧୯; ୧୨:୧; ୨ କରିନ୍ଥୀୟ ୭:୧) ଏସବୁ ଅଭ୍ୟାସ ଛାଡିବା ବହୁତ କଷ୍ଟ ହୋଇପାରେ। କିନ୍ତୁ ଯିହୋବାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏମିତି ହିଁ କରିବାକୁ ପଡିବ।

୫· ପରମେଶ୍ୱରଙ୍କ ଦୃଷ୍ଟିରେ ରକ୍ତ ମଧ୍ୟ ପବିତ୍ର ଅଟେ। ପରମେଶ୍ୱର କହନ୍ତି ପ୍ରାଣ କିମ୍ବା ଜୀବନ ରକ୍ତରେ ରହିଛି। ତେଣୁ ରକ୍ତ ଖାଇବା ଭୁଲ ଅଟେ। ଯେଉଁ ପଶୁକୁ କାଟିଲାବେଳେ ଠିକ୍ ଭାବରେ ରକ୍ତ ବାହାର କରାଯାଇ ନ ଥିବ ତାହାର ମାଂସ ଖାଇବା ମଧ୍ୟ ଭୁଲ। ଗଳାଚିପି ମରାଯାଇଥିବା କିମ୍ବା ଜନ୍ତାରେ ପଡି ମରିଥିବା ପଶୁର ମାଂସ ଖାଇବା ଉଚିତ ନୁହେଁ। ଯଦି ବର୍ଛା କିମ୍ବା ଗୁଳି ଦ୍ୱାରା ମରାଯାଏ ଓ ତାହାର ମାଂସକୁ ଖାଦ୍ୟୋପଯୋଗୀ କରିବାକୁ ହୁଏ ତେବେ, ଶୀଘ୍ର ଠିକ୍ ଭାବରେ ତାହାର ରକ୍ତ ବାହାର କରିବା ଉଚିତ। —ଆଦି ପୁସ୍ତକ ୯:୩, ୪; ଲେବୀୟ ପୁସ୍ତକ ୧୭:୧୩, ୧୪; ପ୍ରେରିତ ୧୫:୨୮, ୨୯·

୬· ରକ୍ତ ସ୍ଥାନାନ୍ତରଣ କରିବା କ'ଣ ଭୁଲ? ମନେରଖନ୍ତୁ, ଯିହୋବା ଚାହାଁନ୍ତି ଯେ ଆମେ ରକ୍ତଠାରୁ ନିବୃତ୍ତ ହେବା। ଏହାର ଅର୍ଥ, ଆମେ କୌଣସି ଉପାୟରେ ଅନ୍ୟ କାହାରି ରକ୍ତ ଆମ ଶରୀରରେ ନେବା ନାହିଁ, ଏପରିକି ନିଜର ସଂଚିତ ରକ୍ତ ମଧ୍ୟ। (ପ୍ରେରିତ ୨୧:୨୫) ତେଣୁ ପ୍ରକୃତ ଖ୍ରୀଷ୍ଟିୟାନମାନେ ରକ୍ତ ସ୍ଥାନାନ୍ତରଣ କରିବେ ନାହିଁ। ସେମାନେ ଅନ୍ୟ ପ୍ରକାରର ଡାକ୍ତରୀ ଚିକିତ୍ସା କରିବେ ଯେପରିକି ରକ୍ତବିହିନ ଉତ୍ପାଦନ ବ୍ୟବହୃତ ସ୍ଥାନାନ୍ତରଣ। ସେମାନେ ଜୀବିତ ରହିବାକୁ ଚାହାଁନ୍ତି, କିନ୍ତୁ ସେମାନେ ପରମେଶ୍ୱରଙ୍କ ନିୟମ ଭାଙ୍ଗି ନିଜ ଜୀବନ ରକ୍ଷା କରିବା ପାଇଁ ଚେଷ୍ଟା କରିବେ ନାହିଁ।—ମାଥିଉ ୧୬:୨୫·

*ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରିବା ପାଇଁ,ଆମେ ରକ୍ତ ସ୍ଥାନାନ୍ତରଣ, କୁଅଭ୍ୟାସ ଓ ଅନାବଶ୍ୟକ ଦାପିତ୍ୱଗୁଡିକରୁ ଦୂରରେ ରହିବା ଉଚିତ।*





